# ପଞ୍ଚାୟତ ସମିତି କାର୍ଯ୍ୟାଳୟ,ବାସୁଦେବପୁର

ବିଜ୍ଞାପନ ସଂଖ୍ୟା ୭୪୧ ତା ୦୨.୦୪.୨୫ରିଖ

ପୂର୍ବ ବିଜ୍ଞାପନ ସଂଖ୍ୟା ୧ ତା.୨୧.୦୩.୨୦୨୫ରିଖ ମୂଳେ ତା.୨୯.୦୩.୨୦୨୫ରିଖ ନିଲାମକୁ ଅପରିହାର୍ଯ୍ୟ ପରିସ୍ଥିତି କ୍ରମେ ରଦ୍ଦ କରାଯାଇ ନିଲାମ କମିଟିର ସୁପାରିସରେ ସଂଶୋଧିତ ବିଜ୍ଞାପନ ପ୍ରକାରେ ସର୍ବସାଧାରଣଙ୍କ ପୁନଃ ଅବଗତି ନିମନ୍ତେ ପ୍ରକାଶିତ ଯଥା:-

## ସର୍ତ୍ତାବଳୀ

୧. ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଦୋକାନ ଗୃହ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି । ପ୍ରତି ଦୋକାନ ଗୃହକୁ ଅଲଗା ଭାବେ ୫ବର୍ଷ ନିମନ୍ତେ ନିଲାମ କରାଯିବ । ସର୍ବନିମ୍ନ ନିଲାମ ଆହ୍ୱାନ ମୂଲ୍ୟ ଟ.୧୫୦୦/- ରହିବ । ପ୍ରତି ବର୍ଷ ନିଲାମ ରାଶିର ୧୦% ହାରରେ ବୃଦ୍ଧି କରାଯିବ ।

୨. ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଅମାନତ ରାଶି ସର୍ବନିମ୍ନ ଟ.୫୦୦୦/- (ପାଂଚ ହଜାର ଟଙ୍କା) ମାତ୍ର ପ୍ରତି ଦୋକାନଗୃହ ପିଛା ପଂଚାୟତ ସମିତିର କୋଷାଧ୍ୟକ୍ଷଙ୍କ ନିକଟରେ ଜମା କରିବେ ଯାହାକି ଗୋଟିଏ ମାତ୍ର ଦୋକାନ ଗୃହ ନିମନ୍ତେ ପ୍ରଯୁଜ୍ୟ ଅଟେ । **ଯଦି କୌଣସି ବ୍ୟକ୍ତି ଗୋଟିଏ ରୁ ଅଧିକ ଗୃହ ନିମନ୍ତେ ପ୍ରକାଶ୍ୟ ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥାନ୍ତି ତେବେ ତାଙ୍କୁ ସେହି କ୍ରମରେ ଅଧିକ ଟ.୫୦୦୦/- ପୈଠ କରି ତାର ରସିଦ କୋଷାଧକ୍ଷଙ୍କ ଠାରୁ ସଂଗ୍ରହ କରିବେ ।** ହାରିଲେ ମଧ୍ୟ ନିର୍ଦ୍ଧାରିତ ଗୃହ ବ୍ୟତିତ ଅନ୍ୟ ଗୃହ ନିମନ୍ତେ ନିଲାମ ଡାକି ପାରିବେ ନାହିଁ ।

୩. ନିଲାମରେ ଅଂଶଗ୍ରହଣ କରି ସର୍ବୋଚ୍ଚ ମୂଲ୍ୟ ଡାକିଥିବା ବ୍ୟକ୍ତିଙ୍କ ଡାକ ଗ୍ରହଣ କରାଯିବ, ଅନ୍ୟମାନଙ୍କ ଅମାନତ ରାଶି ଫେରସ୍ତ କରାଯିବ । ନିଲାମ ଗ୍ରହୀତା ନିଲାମ ରାଶି ଦାଖଲ ପରେ ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରାଇବେ ।

୪. ନିଲାମ ଗ୍ରହଣ କରିଥିବା ବ୍ୟକ୍ତି ନିଜର ବିଦ୍ୟୁତ ବିଲ ପୈଠ କରିବେ ।

୫. ନିଲାମ ଗ୍ରହଣ କରିଥିବା ବ୍ୟକ୍ତି ୬ ମାସର ଭଡ଼ା ଅଗ୍ରୀମ ଭାବେ ପୈଠ କରିବେ ଏବଂ ପ୍ରତି ମାସରେ ୫ତାରିଖ ସୁଦ୍ଧା ଆମ ବସଷ୍ଟାଣ୍ଡ ବ୍ୟାଙ୍କ ଖାତାରେ ଜମା କରି ତାହାର ନକଲ ପଂଚାୟତ ସମିତି / ଆମ ବସଷ୍ଟାଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ଯଦି ନିଲାମ ଗ୍ରହଣ କରିଥିବା ବ୍ୟକ୍ତି ବ୍ବର୍ଷ ମଧ୍ୟରେ ନିଜ ସ୍ୱଇଚ୍ଛାରେ ଦୋକାନ ଗୃହ ପରିତ୍ୟାଗ କରନ୍ତି ତେବେ ତାହା ଅନ୍ୟୁନ ୩ମାସ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ଗୋଚରାର୍ଥେ ଦରଖାସ୍ତ ଦାଖଲ କରିବେ ଓ ଉକ୍ତ ଗୃହର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକାଶ୍ୟ ନିଲାମ ଆହ୍ୱାନ କରାଯିବ ।

୬. ନିଲାମ ଗ୍ରହଣ କରିଥିବା ବ୍ୟକ୍ତି କୌଣସି ପ୍ରକାର ଅନାଧିକୃତ / ଆଇନ ଅମାନ୍ୟ ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ ।

୭. ନିଲାମ ଗ୍ରହୀତା ଦୋକାନ ଗୃହର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ଆଇନତଃ ଦାୟୀ ରହିବେ । ଯଦି ଦୋକାନ ଗୃହର ଉପଯୁକ୍ତ ରକ୍ଷଣାବେକ୍ଷଣ ନକରନ୍ତି ତେବେ ସମ୍ପୃକ୍ତ ନିଲାମ ଯେ କୌଣସି ସମୟରେ ରଦ୍ଦ କରାଯାଇ ପୁନଶ୍ଚ ନିଲାମ କରାଯିବ ।

୮. ଏହି ପ୍ରକାଶ୍ୟ ନିଲାମରେ ପୂର୍ବ ବିଜ୍ଞାପନ ତା.୨୯.୦୩.୨୦୨୫ରିଖ ଅନୁଯାୟୀ ଯେଉଁ ବ୍ୟକ୍ତି ବିଶେଷ ରସିଦ ଗ୍ରହଣ କରିଅଛନ୍ତି, କେବଳ ସେହି ବ୍ୟକ୍ତିମାନେ ଗୃହର ନିଲାମ ଆହ୍ୱାନ କରିବା ନିମନ୍ତେ ଉପଯୁକ୍ତ ବିବେଚିତ ହେବେ । **ନୂତନ ପଞ୍ଜିକରଣ ହୋଇପାରିବ ନାହିଁ ।**

୯. ଏକାଧିକ ଗୃହର ନିଲାମ ଡାକିବା ନିମନ୍ତେ ପଞ୍ଜିକୃତ ବ୍ୟକ୍ତି ବିଶେଷ **ତା.୦୫.୦୪.୨୦୨୫ରିଖ** ଅପରାହ୍ନ **ଘ୫.୩୦ମି.** ପର୍ଯ୍ୟନ୍ତ କୋଷାଧକ୍ଷଙ୍କ ଠାରେ ରସିଦ୍ କାଟି ପାରିବେ ତତ୍ ପରେ କୌଣସି ଅଭିଯୋଗ ଗ୍ରହଣ କରାଯାଇ ପାରିବ ନାହିଁ ।

୧୦. ଆମ ବସଷ୍ଟାଣ୍ଡ ଦୋକାନଗୃହର ନିଲାମ ଆସନ୍ତା **ତା.୦୭.୦୪.୨୦୨୫ରିଖ ପୂର୍ବାହ୍ନ ଘ୧୦.୩୦ମି** ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ଆହ୍ୱାନ କରାଯିବ ।

୧୧. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ, ସେମାନେ ନିଲାମ କକ୍ଷକୁ ପ୍ରବେଶ କଲା ବେଳେ ନିଲାମ ରସିଦ ଓ ସେମାନଙ୍କର ଆଧାର କାର୍ଡ଼ ସାଙ୍ଗରେ ଆଣିବେ ।

୧୨. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ, ନିଲାମ କକ୍ଷକୁ ମୋବାଇଲ ଫୋନ ଆଣିବେ ନାହିଁ ବା ଏହାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

୧୩. ଯଦି ପଞ୍ଜିକରଣ କରିଥିବା ବ୍ୟକ୍ତି ନିଲାମରେ ଉପସ୍ଥିତ ନରହନ୍ତି ତେବେ ତାଙ୍କ ବଦଳରେ ଯଦି କେହି ଭାଗ ନିଅନ୍ତି ତେବେ ପଞ୍ଜିକରଣ କରିଥିବା ବ୍ୟକ୍ତିଙ୍କ ଠାରୁ ଲିଖିତ ଅନୁମତି ଆଣିବେ ।

୧୪. ଯଦି କୌଣସି ବ୍ୟକ୍ତି ନିଲାମ ସ୍ଥଳରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ନିଲାମ କମିଟି ସେହି ବ୍ୟକ୍ତିଙ୍କୁ ନିଲାମ କକ୍ଷରୁ ବାହାର କରିଦେଇ ପାରିବେ ଓ ସେହି ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ ।

ଉପରୋକ୍ତ ସର୍ତାବଳୀକୁ ଅବମାନନା କଲେ ନିମ୍ନସ୍ୱାକ୍ଷରକାରୀ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା ୮୪୨ ତା ୨.୪.୨୫ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା ୮୪୩ ତା ୨.୪.୨୫ ରିଖ

ଏହାର ଏକକିତା ନକଲ ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶାଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉପରୋକ୍ତ ବିଜ୍ଞାପନକୁ ଅନ୍ୟୁନ ଦୁଇଗୋଟି ଓଡ଼ିଆ ଖବର କାଗଜରେ ଛପାଇବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା ୮୪୪ ତା ୨.୪.୨୫ ରିଖ

ଏହାର ଏକକିତା ନକଲ DIO, NIC, ଭଦ୍ରକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଏହାକୁ bhadrak.nic.in Portal ରେ upload କରିବାକୁ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର